# ଯୋଗ, ଚେସ୍ ମନକୁ ସୁସ୍ଥ ରଖେ



ରାଜ୍ୟ ବିଦ୍ୟାଳୟ ସମୂହ ଯୋଗ ଓ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ରାଜ୍ୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତା ଉଦ୍‌ଘାଟିତ

**ଢେଙ୍କାନାଳ,୯।୧୦(ରତନ ନାୟାର)**
ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ଢେଙ୍କାନାଳ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ୧୪ ଏବଂ ୧୭ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ତ୍ରିଦିବସୀୟ ଯୋଗ ଓ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ଯୋଗ ଓ ସତରଞ୍ଜ ଶରୀର ଏବଂ ମନକୁ ସୁସ୍ଥ ରଖେ। ଆଗାମୀ ଦିନରେ ଢେଙ୍କାନାଳ ଜିଲାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିବାକୁ ସରକାର ବଦ୍ଧପରିକର ବୋଲି ସେ ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ଜିଲାପାଳ ସତ୍ୟରଞ୍ଜନ ସାହୁ ଚେସ୍ ଖେଳ ଏକାଗ୍ରତ ଓ ମାନସିକ ଦକ୍ଷତାକୁ ବୃଦ୍ଧି କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ, ମୟୂରଭଞ୍ଜ ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଶାରୀରିକ ଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶକ କୈଳାସଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। ଜିରାଳ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ବିପିନ ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ମଙ୍ଗଳାଚରଣ ଗାନ କରିଥିଲେ। ସଂସ୍କୃତ ଶିକ୍ଷକ ଦୀପ୍ତୀଶ କୁମାର ଶତପଥୀଙ୍କ ନେତୃତ୍ୱରେ ବାରଦାସ୍ଥିତ ମାତୃଭବନ ଶ୍ରୀଅରବିନ୍ଦ ସ୍କୁଲ, ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣାଦେବୀ ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ କାନପୁରାର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବେଗୁନିଆରେ ଖୋଲିବ ଉପଖଣ୍ଡ ହସ୍ପିଟାଲ

**ଭୁବନେଶ୍ୱର, ୯।୧୦(ଅସମାପିକା ସାହୁ):** ଖୋର୍ଦ୍ଧା ଜିଲା ବେଗୁନିଆଠାରେ ଉପଖଣ୍ଡ ହସ୍ପିଟାଲ(ଏସ୍‌ଡିଏଚ୍) ଖୋଲିବ। ୧୦୦ ଶଯ୍ୟା ବିଶିଷ୍ଟ ଏହି ଏସ୍‌ଡିଏଚ୍ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏ ନେଇ ସୋବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗାଇଡ୍‌ଲାଇନ ଅନୁସାରେ ସମସ୍ତ ପ୍ରକାର ଭିତ୍ତିଭୂମି, ମାନବ ସମ୍ବଳ ଏବଂ ଆବଶ୍ୟକ ଲଜିଷ୍ଟିକର ବ୍ୟବସ୍ଥା ହେବା ପରେ ଏହି ଏସ୍‌ଡିଏଚ୍ କାର୍ଯ୍ୟକ୍ଷମ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




# ବିଦ୍ୟୁତ୍ ଗ୍ରାହକଙ୍କୁ ପୁରସ୍କାର



**ଢେଙ୍କାନାଳ,୯।୧୦(ରତନ ନାୟାର)**
ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିସିଓଡିଏଲ୍ ପକ୍ଷରୁ ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ ଯୋଜନାର ବିଜେତାଙ୍କୁ ସୋମବାର ଢେଙ୍କାନାଳ ବାଇପାସ୍‌ସ୍ଥିତ କାର୍ଯ୍ୟାଳୟ ପରିସରରେ ପୁରସ୍କାର ପ୍ରଦାନ କରାଯାଇଛି। ବିଜେତାମାନଙ୍କୁ ଲଟେରି ମାଧ୍ୟମରେ ଚୟନ କରାଯାଇଥିଲା। ଅନ୍‌ଲାଇନ ମାଧ୍ୟମରେ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିଥିବା ୧୩ଜଣ ବିଜେତା ଗ୍ରାହକଙ୍କୁ ମୋବାଇଲ ପ୍ରଦାନ କରାଯାଇଥିଲା। ନିର୍ବାହୀ ଯନ୍ତ୍ରୀ ବେଣୁଧର ଦାସ ବିଜେତାମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ଓ ଗ୍ରାହକ ସେବା ଅଧିକାରୀ ଉପସ୍ଥିତ ଥିଲେ। ବିଲ୍ ପେ ଆଣ୍ଡ୍ ୱିନ୍ ସ୍କିମ ଯୋଜନାରେ ଉତ୍ତମ ଗ୍ରାହକଙ୍କୁ ପ୍ରତ୍ୟେକ ମାସ ଚୟନ କରାଯାଇ ପୁରସ୍କାର ପ୍ରଦାନ କରାଯାଉଛି। ଅକ୍ଟୋବର ମାସ ପାଇଁ ଗ୍ରାହକମାନେ ଏହି ସୁବିଧା ନେଇ ପୁରସ୍କାର ପାଇପାରିବେ ବୋଲି ନିର୍ବାହୀଯନ୍ତ୍ରୀ ସୂଚନା ଦେଇଥିଲେ।

# ଗୋଲାପ ଦେଇ ସଚେତନ କଲେ

**ଢେଙ୍କାନାଳ,୯।୧୦(ରତନ ନାୟାର)**
ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର କୁମାର ଦାଶ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ କବ୍‌ସ ବୁଲବୁଲ, ସ୍କାଉଟ୍ସ, ଗାଇଡ୍ସ ଓ ଏନ୍‌ସିସି ଛାତ୍ରୀଛାତ୍ରମାନେ ରାସ୍ତାରେ ବିନା ହେଲମେଟ୍‌ରେ ଯାଉଥିବା ଯାତ୍ରୀମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରିଥିଲେ। ଏଥିସହିତ ହେଲମେଟ ବ୍ୟବହାର, ସିଟ୍ ବେଲ୍ଟର ଆବଶ୍ୟକତା ସମ୍ପର୍କରେ ଟ୍ରାଫିକ ପୋଲିସଙ୍କ ସହାୟତାରେ ସଚେତନ କରାଯାଇଥିଲା। ଏକଘଣ୍ଟା ଧରି ଚାଲିଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଇଥିଲା।



ଜଣେ ଗାଡିଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଯାଉଛି।



## ରାସ୍ତା କଡ଼ରୁ ମୃତଦେହ ଜବତ

ବଇଣ୍ଡା,(ପରିକ୍ଷିତ ସାହୁ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଠେଲକନାଳି ରାସ୍ତା କଡରୁ ସୋମବାର ହଣ୍ଡପା ପୋଲିସ ଏକ ମୃତଦେହ ଜବତ କରଛି। ମୃତକଙ୍କ ନାମ କରୁଣା ମୁଣ୍ଡା ଓ ଘର ଠେଲକନାଳି ଗ୍ରାମରେ ବୋଲି ପୋଲିସ କହିଛି। ତେବେ କରୁଣାଙ୍କ ମୃତ୍ୟୁ କିଭଳି ଘଟିଲା ତାହା ଜଣାପଡି ନ ଥିବା ବେଳେ କିଛି ଦିନ ହେବ ଅନାହାରରେ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ତଦନ୍ତ କରୁଥିବା ଜଣାପଡିଛି।

### ସଂକ୍ଷେପରେ

## ହାତୀ ନେଲା ବୃଦ୍ଧଙ୍କ ଜୀବନ

ସାତମାଇଲ, ୯।୧୦ (ସୁଶାନ୍ତ ପତି) / ରାସୋଳ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ ମାଧପୁର ଇଲିଗିଙ୍ଗିହା ଗ୍ରାମର ଚରଣ ବେହେରା (୬୩)ଙ୍କ ସୋମବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଘରଠାରୁ ମାତ୍ର ୧୦୦ ମିଟର ଦୂରରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହିନ୍ଦୋଳ ଡାକ୍ତରଖାନା ଓ ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିବା ସମୟରେ ବାଟରେ ମୃତ୍ୟୁ ହୋଇଥିଲା। ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଏଠାରେ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ତରଣୀସେନ ସାହୁ, ସରୋଜ ସିଂ, ନରୋତ୍ତମ ପ୍ରଧାନ, ମଣ୍ଟୁ ବିଶ୍ୱାଳ, ସୁମନ୍ତ ତୁଙ୍ଗ, ଅଖିଳ ପ୍ରଧାନ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ରେଞ୍ଜର ଲୋହିତ ରଥ କହିଛନ୍ତି, ମୃତକ ପରିବାର ସରକାରୀ ସହାୟତା ଯୋଗାଇ ଦିଆଯିବ। ଜନସାଧାରଣ ସତର୍କତା ଅବଲମ୍ବନ କରିବା ସହ ବନ ବିଭାଗକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

# ଠିକ୍ ରୂପାନ୍ତରଣ ଉପରେ ଗୁରୁତ୍ୱ



ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ,୯।୧୦(ରତନ ନାୟାର)

ଢେଙ୍କାନାଳ ସହରର ଶ୍ରୀବଳରାମ ମନ୍ଦିର ଓ ବହୁ ପ୍ରାଚୀନ ଯାଉଁଳି ପୋଖରୀ ମଠର ଉନ୍ନତୀକରଣ ପାଇଁ ଅନୁଦାନ ମଞ୍ଜୁର ହୋଇଛି। ଏହି ୨ଟି ପୀଠକୁ ରୂପାନ୍ତରିତ କରାଯାଇ ଆକର୍ଷଣୀୟ କରାଯିବ। ଏ ନେଇ ସୋମବାର ସନ୍ଧ୍ୟାରେ ବଳରାମ ମନ୍ଦିର ପରିସରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ଉପସ୍ଥିତ ରହି ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଯେପରି ଠିକ୍ ଭାବରେ ହେବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। କୌଣସି ପ୍ରକାର ଅବହେଳା ହେଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ନିୟମିତ ଭାବରେ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଇଞ୍ଜିନିୟର ତଦାରଖ କରିବେ। ଭଣ୍ଡାର ଗୃହ ମରାମତି, ଅଫିସ ଗୃହ, ଭୋଗ ମଣ୍ଡପ, ଆକର୍ଷଣୀୟ ଗେଟ୍, ରୋଷେଇ ଘର, ମନ୍ଦିର ପରିସରରେ ପାର୍କ ଏବଂ ଆଲୋକୀକରଣ, ଡ୍ରେନେଜ୍, ସିସିଟିଭି ଓ ପାର୍କିଂ, ପାନୀୟଜଳ ବ୍ୟବସ୍ଥା, ଭଜନ ଓ ଶ୍ଳୋକ ଆଦି ପରିବେଷଣ ନିମନ୍ତେ ଡାକବାଜି ଯନ୍ତ୍ର, ଅବିରତ ବିଦ୍ୟୁତ ବ୍ୟବସ୍ଥା ଓ ଅନ୍ୟାନ୍ୟ ମରାମତି କାମ କରାଯିବ ବୋଲି ଜିଲାପାଳ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବଳରାମ ମନ୍ଦିର ଓ ଯାଉଁଳି ପୋଖରୀ ମଠ ପରିଦର୍ଶନ କରି ଯାଇଛନ୍ତି। ଶ୍ରୀବଳରାମ ମନ୍ଦିରର ଉନ୍ନତି ବିଧାନ ପାଇଁ ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଯାଉଁଳିପୋଖରୀ ମଠ ପାଇଁ ୨କୋଟି ୯୩ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବୈଠକରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଦେବୋତ୍ତର ନିର୍ବାହୀ ଅଧିକାରୀ ହରିହର ପଞ୍ଝିଆତି, ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, କାଉନସିଲର ସନ୍ଦୀପ ଷଡଙ୍ଗୀ ଓ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆକର୍ଷଣୀୟ ହେବ ବଳରାମ ମନ୍ଦିର, ଯାଉଁଳି ପୋଖରୀ ମଠ

## କ୍ରୀଡ଼ା ପ୍ରତିଯୋଗିତାରେ ୧୦୦ ପ୍ରତିଯୋଗୀ

ଅନୁଗୋଳ, ୯।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉତ୍ସାହ ୨୦୨୩-୨୪ ଖଲାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଥିବା ଅନୁଗୋଳ ଉତ୍କଳ ବାଳାଶ୍ରମ, ଆଦୃତ ଶିଶୁ ସଦନ, ବଳରାମପ୍ରସାଦ ନବଜୀବନ ବାଳାଶ୍ରମ ଓ ଆଠମଲ୍ଲିକ ବାଳାଶ୍ରମ, ଏହି ୪ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ୧୦୦ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ଆଗାମୀ ୧୫ ତାରିଖରେ ହେବାକୁ ଥିବା ଶିଶୁ ମହୋତ୍ସବ ମହକରେ ପୁରସ୍କୃତ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ରାଜ୍ୟସ୍ତରୀୟ ଉତ୍ସାହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରହ୍ଲାଦ ବେହେରା, ରବୀନ୍ଦ୍ରନାଥ ସାହୁ, ଦୋଳ ଗୋବିନ୍ଦ ଦଳେଇ, ଦୁଷ୍ମନ୍ତ କୁମାର ସାହୁ, ଚିତ୍ତରଞ୍ଜନ ମହାନ୍ତି, ଅନିଲ ଦେବ, ଦିଲୀପ ନାୟକ ପ୍ରମୁଖ ବିଚାରକ ଭାବେ ଅଂଶଗ୍ରହଣ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀ ବନ୍ଧୁ ପ୍ରଧାନ, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଝରଣା ନାୟକ, ଅମ୍ରେଶ ଜଲି, ପ୍ରଦୀପ ନାୟକ, ମଧୁସ୍ମିତା ଧଳ, ଦିଲୀପ ନାୟକ, ସତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଯୋଗିତାର ବିଜେତାଙ୍କ ସହ ଅତିଥିମାନେ।

## ସୌରବ୍ରାହ୍ମଣ ପରିଷଦର ବୈଠକ

ଢେଙ୍କାନାଳ,୯।୧୦(ରତନ ନାୟାର)

ଢେଙ୍କାନାଳ ସୌରବ୍ରାହ୍ମଣ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଦଧିବାମନଜୀଉ ମଠ ଭାଗବତ ମନ୍ଦିରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କୋଷାଧ୍ୟକ୍ଷ ନିର୍ମଳଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶରଣ ଶ୍ରୀକ୍ଷେତ୍ର ଏକଘରିଆଠାରେ ଅନୁଷ୍ଠିତ ହେବାକୁ ଥିବା ଏକଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ବିଷୟରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ପୁରୋଧା, କର୍ମକର୍ତ୍ତା ଏବଂ ବିଶିଷ୍ଟ ଅତିଥି ଚୟନ ପ୍ରକ୍ରିୟା ସମାପନ କରାଯାଇ ସହଯୋଗୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଙ୍ଗଠନର ସମ୍ପାଦକ ପ୍ରଭାତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ପୁରୁଷୋତ୍ତମ ନାୟକ, ନିର୍ମଳ ଚନ୍ଦ୍ର ନାୟକ, ପ୍ରଭାତ କୁମାର ନାୟକ, ଅମିୟ କୁମାର ନାୟକ, ପଣ୍ଡିତ ପ୍ରମୋଦ କୁମାର ନାୟକ, ଗୌରାଙ୍ଗ ଚରଣ ନାୟକ, ସୂର୍ଯ୍ୟକାନ୍ତ ନାୟକ, ଦେବୀ ପ୍ରସାଦ ନାୟକ, ଅରୂପାନନ୍ଦ ନାୟକ, ଜ୍ୟୋତିଶଙ୍କର ନାୟକ, ରବିନାରାୟଣ ନାୟକ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସୌରବ୍ରାହ୍ମଣ ପରିଷଦର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# କେରଳ ପୋଲିସ ୨-୦ରେ ବିଜୟୀ



ମ୍ୟାଚ ଖେଳାଯିବା ପୂର୍ବରୁ ଉଭୟ ଦଳର ଖେଳାଳିମାନେ।

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ,୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ଚାଲିଥିବା ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ମ୍ୟାଚରେ କେରଳ ପୋଲିସ ୨-୦ଗୋଲରେ ମା’ ମଙ୍ଗଳା କ୍ଲବକୁ ହରାଇ ଦେଇଛି। ଏହି ମ୍ୟାଚକୁ ଜ୍ୟୋତି ରଞ୍ଜନ ସ୍ୱାଇଁ, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ, ଓ ବୋନସନ ବରାଳ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ଉପନଗରପାଳ ପ୍ରକାଶଚନ୍ଦ୍ର କୁଅଁର, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ବିଜେଡି ମହିଳା ସଭାପତି ସାଗରିକା ମିଶ୍ର, ଅଶୋକ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜଙ୍କ ସମେତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୁଶାନ୍ତ ପାଣି ଓ ସରୋଜ କୁମାର ପାଢୀ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜୀବନ ଜୀବିକାରେ ପ୍ରତିବନ୍ଧକ ନେଇ ଅସନ୍ତୋଷ

ଢେଙ୍କାନାଳ,୯।୧୦(ରତନ ନାୟାର)

ଗଁଦିଆ ବ୍ଲକ ନିହଲପ୍ରସାଦ ସମେତ ଆଖପାଖ ପଞ୍ଚାୟତର ଗ୍ରାମବାସୀଙ୍କ ଜୀବନ ଜୀବିକାରେ ପ୍ରତିବନ୍ଧକ ଲଗାଯାଇଥିବାରୁ ଏହାକୁ ନେଇ ସେମାନେ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗ୍ରାମର କେତେଜଣ ଅଧିବାସୀ ଏକ କ୍ରଶରରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ସପ୍ତାହେ ହେବ ୪ଜଣ ବ୍ୟକ୍ତି ଅନ୍ୟଜଣେ କ୍ରଶର ମାଲିକଙ୍କ କଥାରେ ପଡି ନିରୀହ ଲୋକଙ୍କୁ ପ୍ରଲୋଭିତ କରି ଗ୍ରାମବାସୀ କାମ କରୁଥିବା କ୍ରଶର ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ କ୍ରସର ମାଲିକ ବେଆଇନ ଭାବେ ବ୍ଲାଷ୍ଟିଂ କରୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସମସ୍ତ ଘଟଣାର ବିଧିବଦ୍ଧ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ପାଇଁ ଗ୍ରାମର ରାଜାରାମ ପଣ୍ଡା, ଚକ୍ରଧର ରାଉତ, ଅଶୋକ ନାୟକ, ରିତେଶ ପ୍ରଧାନ, ଲଳିତ ବେହେରା, ପଦ୍ମନାଭ ସେନାପତି, ବାବନ ବେହେରା, ମାଧବ ଗୁଇଆ ପ୍ରମୁଖ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

## ମାଣ୍ଡିଆ ଫସଲ ଉଜାଡିଲେ ହାତୀପଲ

ଢେଙ୍କାନାଳ,୯।୧୦(ରତନ ନାୟାର)

ଓଡ଼ାପଡ଼ା ବ୍ଲକ କୋତମ ପଞ୍ଚାୟତର ଭୁବନପୁର, କାଳିକାପ୍ରସାଦ ଓ ଗୋବିନ୍ଦପ୍ରସାଦ ପଞ୍ଚାୟତରେ ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଭୁବନପୁରର ଚାଷୀ ସାଗର ବେହେରା, ଦୌଦାମିନୀ ଦେହୁରୀ, ଦୁଷ୍ମନ୍ତ କୁମାର ସାମଲ, କାଳିକାପ୍ରସାଦର ସଂଗ୍ରାମ କିଶୋର ନାଏକ ପ୍ରମୁଖଙ୍କ ମାଣ୍ଡିଆ ଫସଲ ନଷ୍ଟ କରିଛନ୍ତି। ଚାଷୀମାନେ ଚଳିତବର୍ଷ ନୂଆକରି ମଣ୍ଡିଆ ଫସଲ କରିଥିବା ବେଳେ ଫସଲ ଉଜୁଡି ଯାଇଥିବାରୁ ସେମାନେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

## ସମାଜ ସେବାରେ ସମସ୍ତେ ସାମିଲ ହୁଅନ୍ତୁ

ଭୁବନ,୯।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠ ଠାରେ ସୋମବାର ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ କରାଯାଇଛି। ସଙ୍ଗଠନ ସଭାପତି ଅମରଜ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲାବେଳେ ଉପସଭାପତି ବିନୋଦ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଜୀବ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଲକ୍ଷ୍ମଣ କୁମାର ଦାସ ସଙ୍ଗଠନ ଗଠନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବାଣିଶ୍ରୀ ରବୀନ୍ଦ୍ର କୁମାର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ସମାଜ ସେବାରେ ନିଜକୁ ସାମିଲ କଲେ ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ। ମହିଳା କଲେଜ ଅଧକ୍ଷ ଦିଲୀପ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବପିଢି ଆଗ୍ରହ କଲେ ସମାଜରୁ କୁସଂସ୍କାର ଦୂର ହେଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଦେବବ୍ରତ ପୃଷ୍ଟି, ସୁବ୍ରତ କୁମାର ସାହୁ, ଅବସରପ୍ରାପ୍ତ ଅଧକ୍ଷ ସନାତନ ସାହୁ ଓ ବିପିନ ବିହାରୀ ସେଠୀ ଯୋଗଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ମିଶ୍ର, ଉପଦେଷ୍ଟା କୈଳାଶ ଚନ୍ଦ୍ର ବେହେରା, ଅବନୀ କୁମାର ନାୟକ ଓ ଜ୍ଞାନରଞ୍ଜନ ପଣ୍ଡା, ସନ୍ଦୀପ ପୃଷ୍ଟି, ନୀଳମାଧବ ସାହୁ, ଦିଲୀପ କୁମାର ସେଠୀ, ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ମଲ୍ଲିକ, ନବକିଶୋର ପାତ୍ର, ସୁଶାନ୍ତ ପୃଷ୍ଟି, କ୍ଷୀରୋଦ କୁମାର ନାୟକ, ସନ୍ତୋଷ କୁମାର ବିହାରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

## ଗୁଳିମାଡ଼କୁ ନେଇ ଉତ୍ତେଜନା

ଢେଙ୍କାନାଳ ଅଫିସ,୯।୧୦ (ରତନ ନାୟାର)

ଢେଙ୍କାନାଳ ଜିଲା ସଦରଥାନା ହରିପୁର ଗ୍ରାମରେ ସୋମବାର ରାତି ୮ଟାରେ ଜଣେ ଯୁବକ ପୂର୍ବ ଶତ୍ରୁତାରୁ ଅନ୍ୟ ଜଣେ ଯୁବକଙ୍କୁ ଗୁଳି କରିଥିଲେ। ତେବେ ଗୁଳିମାଡ଼ରୁ ସମ୍ପୃକ୍ତ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗତ ଗଣେଶ ପୂଜା ସମୟରେ ସମ୍ପୃକ୍ତ ୨ ଯୁବକଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗୁଳିମାଡ଼ କରାଯାଇଥିବା ସୂଚନା ମିଳିଛି। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ୨ଟି ଖୋକା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଗଣେଶ ପୂଜାକୁ ନେଇ ୨ ଯୁବକଙ୍କ ମଧ୍ୟରେ ବିବାଦ ଥିଲା। ଫଳରେ ଜଣେ ଫାଙ୍କା ଗୁଳିଚାଳନା କରିଥିଲେ। ଏଥିରେ କାହାର କୌଣସି କ୍ଷତି ହୋଇନି । ପୋଲିସ ଗୁଳି ୨ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ଜିଲାସ୍ତରୀୟ ମିଲେଟ ରୋଷେଇ ପ୍ରତିଯୋଗିତା



ଜିଲାସ୍ତରୀୟ ମିଲେଟ ରୋଷେଇ ପ୍ରତିଯୋଗିତାରେ ଖାଦ୍ୟ ପ୍ରଦର୍ଶନ କରାଯାଉଛି।

ଢେଙ୍କାନାଳ,୯।୧୦(ରତନ ନାୟାର)

ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ଅବସରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଏବଂ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ପକ୍ଷରୁ ଜିଲାସ୍ତରୀୟ ମିଲେଟ କୁକିଂ ପ୍ରତିଯୋଗିତା କୃଷି ବିଭାଗ ମୃତ୍ତିକା ପରୀକ୍ଷାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୦ଜଣ କଲେଜ ଛାତ୍ରୀ ଓ ୫ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶଗ୍ରହଣ କରିଥିଲେ। ପ୍ରଥମ ରାଉଣ୍ଡ ପ୍ରତିଯୋଗୀତାରେ ୯ଜଣ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ପ୍ରତିଯୋଗିତାର ୩ଜଣ ପ୍ରତିଯୋଗୀ ପ୍ରଥମ ସସ୍ମିତା ସାହୁ ଓଡାପଡା, ଦ୍ୱିତୀୟ ସୁଜାତା ଦାସ ଭୁବନ ଏବଂ ତୃତୀୟ ସୁଷମା ସାହୁ ଭୁବନ ବିଜୟୀ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀପ୍ତିକାନ୍ତ ରାଉତରାୟ, ଉଦ୍ୟାନକୃଷି ନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଓଡ଼ିଶା ମିଲେଟ ମଶନ ସ୍କିମ୍ ଅଫିସର ମାର୍କଣ୍ଡ ପ୍ରଧାନ, ସହକାରୀ କୃଷି ଯନ୍ତ୍ରୀ ଆଶୁତୋଷ ବେହେରା, ଜିଲା ସଂଯୋଜକ ରାକେଶ କୁମାର ସାହୁ ଓ ମିଶନଶକ୍ତି ସଂଯୋଜିକା ସେଫାଳି ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୫ଜଣ ପ୍ରତିଯୋଗୀ ଭାଗନେଇ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥିଲେ।

## ୪୫ ଗୋରୁ, ଷଣ୍ଢ ଉଦ୍ଧାର

ଢେଙ୍କାନାଳ,୯।୧୦(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ବୁଲା ଗୋରୁ ଓ ଷଣ୍ଢଙ୍କୁ ରାସ୍ତା ଉପରୁ ଉଠାଇବା ପଦକ୍ଷେପ ଆରମ୍ଭ ହୋଇଛି। ସୋମବାର ୪୫ରୁ ଊର୍ଦ୍ଧ୍ୱ ଗୋରୁ ଓ ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି । ଗୋରୁ ମାଲିକ ଯଦି ସେମାନଙ୍କ ଗୋରୁକୁ ନେବେ ତେବେ ୫୦୦ ଟଙ୍କା ଦେବାକୁ ପଡିବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ନଚେତ ଗୋରୁଙ୍କୁ ଗୋଶାଳକୁ ପଠାଇ ଦିଆଯିବ ବୋଲି କୁହାଯାଇଛି। ଗୋଶାଳରୁ ଗାଈକୁ ନେଲେ ଏକ ହଜାର ଟଙ୍କା ସହ ଦୈନିକ ଖର୍ଚ୍ଚ ଦେବାକୁ ପଡିବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।



ପୌରସଂସ୍ଥା ପକ୍ଷରୁ ଗୋରୁଙ୍କୁ ଉଦ୍ଧାର କରାଯାଉଛି।

## ଲୋକାଭିମୁଖୀ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି ସରକାର




ଭାପୁରଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତାମାନେ।

ଢେଙ୍କାନାଳ,୯।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକର ଭାପୁର ଠାରେ ସୋମବାର ପୂର୍ବାହ୍ନ ୧୦ଟାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲ ଏହି ପଦଯାତ୍ରାରେ ଯୋଗଦେଇ ନବୀନ ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗୁରୁତ୍ୱ ଦେଇଆସୁଥିବା କହିଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ତଥା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୂତିଆ, ଜିଲାପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ବିଜେଡି ମହିଳା ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ସଦର ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ନାୟକ, ବିଧାୟକଙ୍କ ପ୍ରତିନିଧି ନିରାକାର ରାଉତ, ବିଜେଡି ଜିଲା କୃଷକ ସଭାପତି ନରୋତ୍ତମ ସାହୁ, ଜିଲା ମହିଳା ଉପ ସଭାପତି ଉର୍ବଶୀ ମହାପାତ୍ର, ମାମିନା ଦୀକ୍ଷିତ, ସଦର ବ୍ଲକ ଯୁବ ବିଜେଡି ସଭାପତି ଜେଶଷ ସାହୁ, ସଦର ବ୍ଲକ ବିଜେଡି ସଭାପତି ବିଭୁପ୍ରସାଦ ଦେହୁରୀ, ଶ୍ରୀନିବାଶ ନାୟକ, ଯୁବନେତା ଶୁଭ ପଣ୍ଡା, ରଞ୍ଜନ ନାୟକ, ପ୍ରଦୀପ କୁମାର ରାଉତ, ଜିଲା ଡିଜିଟାଲ ମିଡିଆ ସମ୍ପାଦକ ଗଙ୍ଗାଧର ରାଉତ ପ୍ରମୁଖଙ୍କ ସମେତ ସମସ୍ତ ଜିଲାପରିଷଦ ସଦସ୍ୟାସଦସ୍ୟ, ସରପଞ୍ଚ, ସମିତିସଭ୍ୟ ସାମିଲ ହୋଇଥିଲେ।

## ପ୍ରତିଭା ବିକଶିତ କରନ୍ତୁ ଶିଶୁ

ଢେଙ୍କାନାଳ,୯।୧୦ (ରତନ ନାୟାର)

ଢେଙ୍କାନାଳର ଅନୁଷ୍ଠାନ ବାଜି ରାଉତ ଗ୍ରାମ୍ୟ ଉନ୍ନୟନ ସମିତିର ଦ୍ୱିତୀୟ କଳା ସାଂସ୍କୃତିକ ମହୋତ୍ସବ ଭାରତ ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ସହାୟତାରେ ଢେଙ୍କାନାଳସ୍ଥିତ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ଶିଶୁ ପ୍ରତିଭାବାନ କଳାକାର ନିଜ ପ୍ରତିଭାକୁ ବିକଶିତ କରନ୍ତୁ ବୋଲି କହିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଭାବାନ ଶିଶୁ କଳାକାରମାନେ ଯୋଗଦେଇ ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କଳାକାରମାନଙ୍କ ନୃତ୍ୟର ବିକାଶ ଉପରେ ଆଲୋକପାତ କରିବା ସହିତ ଅନୁଷ୍ଠାନ ତରଫରୁ ସହଯୋଗର ହାତ ବଢାଇବା ପାଇଁ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରତିଭାବାନ ଶିଶୁ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



କଳା ସାଂସ୍କୃତିକ ମହୋତ୍ସବ।

## ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,୯।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ହଣ୍ଡପା ଥାନା ଅଞ୍ଚଳ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ପିଙ୍କି ପ୍ରଧାନଙ୍କ ଘରୁ ୧୦ ଲିଟର, ଠେଲକନାଳି ଗ୍ରାମର ସୁଲୋଚନା ମିର୍ଦ୍ଧାଙ୍କ ଘରୁ ୧୦ ଲିଟର, ହେମଲତା ମିର୍ଦ୍ଧାଙ୍କ ଘରୁ ୨୦ ଲିଟର, କୁଆଝରି ଗ୍ରାମର ଗୁରଜ ପ୍ରଧାନଙ୍କ ଘରୁ ୨୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏମାନେ ଘରେ ଚୋରାରେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ଚଢାଉ କରି ଗିରଫ କରିଥିଲେ।



## ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ



ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

କଣିହାଁ,୯।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପରାବିଲ ପଞ୍ଚାୟତଠାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କିପରି ହୋଇପାରିବ ଏବଂ ସାଧାରଣ ଜନତା ସୁଫଳ ପାଇବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ ଯୋଗଦେଇ ଥିଲେ। ବ୍ଲକ ଯୁବ ବିଜେଡି ସଭାପତି ଗଗନ ରାଉତ, ପାଲଲହଡା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବାସ ମହାନ୍ତି, ପରାବିଲ ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, କଣିହାଁ ବ୍ଲକ ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ବିରଞ୍ଚି ସାହୁ, ଧ୍ରୁବ ଚରଣ ବିଶ୍ୱାଳ, ପ୍ରଦୀପ ସାମଲ, ଧର୍ମେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ଗହମ ଗ୍ରାମ ଠାରୁ ବାହାରି ପରାବିଲ, ପବିତ୍ର ନଗର ବଜାର ପରିକ୍ରମା କରି ସିଲିଂ ଠାରେ ଶେଷ ହୋଇଥିଲା। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମସ୍ତ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ରବିବାର କାକୁଡ଼ିଆ ଓ ଡେରେଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା ହୋଇଥିଲା। ଏଥିସହ ଘଣ୍ଟିଆନାଳୀ ଗ୍ରାମ କିଷାନ ସାହିରେ ନିର୍ମିତ ଗୋଷ୍ଠୀକେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଥିଲା।

## ସ୍କୁଲ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା

ଅନୁଗୋଳ, ୯।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ କାଣ୍ଡସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ଫଳରେ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ପଢ଼ା ଯାଉନାହିଁ। ଅଦ୍ୟାବଧି ଅଧା ପାଠ୍ୟକ୍ରମ ମଧ୍ୟ ସରିନାହିଁ। ତେଣୁ ସୋମବାର ପୂର୍ବାହ୍ନରେ ଛାତ୍ରୀଛାତ୍ର, ଅଭିଭାବକ ଓ ଜନପ୍ରତିନିଧିମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। କିନ୍ତୁ ୪ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବାବେଳେ ଜଣେ ଅସୁସ୍ଥ ଥିବାରୁ ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି। ୩ ଜଣ ଶିକ୍ଷକରେ ସ୍କୁଲ ଚାଲୁଥିବା ବେଳେ କିଛି ବି ପଢାହେଉ ନାହିଁ। ମଙ୍ଗଳବାରଠାରୁ ପରୀକ୍ଷା ଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତେଣୁ ଛାତ୍ରୀଛାତ୍ର ବାଧ ହୋଇ ଧାରଣାରେ ବସିଥିଲେ। ଶିକ୍ଷକ ନିଯୁକ୍ତି କରା ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## ରାଜପଥ ପାର୍ଶ୍ୱରେ ହାଟ ଯୋଗୁ ଟ୍ରାଫିକ୍ ଜାମ

ବଇଣ୍ଡା,୯।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାଠାରେ ହେଉଥିବା ସାପ୍ତାହିକ ହାଟ କିଛି ସପ୍ତାହ ହେବ ଜାତୀୟ ରାଜପଥ ପାର୍ଶ୍ୱରେ ବସୁଛି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେଉଥିବା ବେଳେ ପୋଲିସ ପ୍ରଶାସନ ନୀରବ ରହିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ହାଟ ବହୁ ପୁରାତନ ହୋଇଥିବା ବେଳେ ଏହି ପଞ୍ଚାୟତ ପକ୍ଷରୁ ପିଣ୍ଡି ନିର୍ମାଣ କରାଯାଇଛି। କିନ୍ତୁ ଜାତୀୟ ରାଜପଥ ଠାରୁ ଅଧ କି.ମି. ଦୂରରେ ଥିବା ପିଣ୍ଡିଗୁଡିକୁ ନ ଯାଇ କେତେଜଣ ବ୍ୟବସାୟୀ ରାଜପଥ ପାର୍ଶ୍ୱରେ ପାଲ ପକାଇ ହାଟ କରୁଛନ୍ତି। କିଶୋରନଗର, ଆଠମଲ୍ଲିକ ଓ ଛେଣ୍ଡିପଦା ବ୍ଲକର ୨୦ ପଞ୍ଚାୟତର ଚାଷୀମାନେ ଏହି ହାଟରେ ବ୍ୟବସାୟ କରୁଛନ୍ତି। ହେଲେ କେତେଜଣ ବ୍ୟବସାୟୀ ରାଜପଥ କଡରେ ହାଟ କରୁଥିବାରୁ ଅନ୍ୟ ଚାଷୀମାନେ ବ୍ୟବସାୟ କରିବା ପାଇଁ ଅମଙ୍ଗ ହେଉଛନ୍ତି। ଏହି ହାଟ ହେଉଥିବା ଯୋଗୁ ରାଜପଥରେ ଗାଡି ଚଳାଚଳରେ ସମସ୍ୟା ହେଉଛି। ଟ୍ରାଫିକ ଜାମ ରହୁଛି। କିନ୍ତୁ ପୋଲିସ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ଜାତୀୟ ରାଜପଥ ପାର୍ଶ୍ୱରୁ ସାପ୍ତାହିକ ହାଟ ପିଣ୍ଡିସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ମୃତିରଞ୍ଜନ ନାୟକ କହିଛନ୍ତି, ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯାଇ ଆଗାମୀ ସାପ୍ତାହିକ ହାଟ ସ୍ଥାନାନ୍ତର କରିବା ଉପରେ ପଦକ୍ଷେପ ନିଆଯିବ।



ରାଜପଥ ପାର୍ଶ୍ୱରେ ହଟ ବସିଛି।

## ସାଇବର ଅପରାଧ ସମ୍ପର୍କରେ ସଚେତନ ରୁହ

ମାଧପୁର,୯।୧୦ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ କିଆକଟା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ରାୟଗୁରୁ, ଆଠମଲ୍ଲିକ ଉପ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କଅଁର, ସାଇବର ଇନ୍‌ସପେକ୍ଟର ବିଭୂତି ପ୍ରଧାନ, କିଆକଟା ଆଇଆଇସି ଅରୁଣ କୁମାର ଖିଲାର, କିଆକଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତ କୁମାର ମୁଦୁଲି, ସାମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ, ସୁମନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ ବଢୁଥିବା ସାଇବର ଅପରାଧ ସମ୍ପର୍କରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

## ଜଙ୍ଗଲ ନଷ୍ଟ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।

ବଇଣ୍ଡା,୯।୧୦ (ପରିକ୍ଷିତ ସାହୁ)

ସ୍ୱାର୍ଥ ପାଇଁ ମାନବ ସମାଜ ଜଙ୍ଗଲ ନଷ୍ଟ କରୁଛି। ଏପରିକି ଜଙ୍ଗଲରେ ଥିବା ଜୀବଜନ୍ତୁଙ୍କୁ ଶିକାର କରାଯାଉଛି। ଆଗାମୀ ଦିନରେ ଏହା ପରିବେଶ ପାଇଁ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରୁଛି। ଏଥିପ୍ରତି ସମସ୍ତେ ଯତ୍ନଶୀଳ ହୋଇ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ହଣ୍ଡପା ବନ ବିଭାଗ ପକ୍ଷରୁ ହଣ୍ଡପା ଠାରେ ଅନୁଷ୍ଠିତ ୬୯ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଫରେଷ୍ଟର ସୁବ୍ରତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ, ଅନ୍ୟତମ ଅତିଥି ଭାବେ ଫରେଷ୍ଟର ଦୀପକ କୁମାର ମିଶ୍ର, ପୁରୁଷୋତ୍ତମ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବନ କର୍ମଚାରୀମାନେ ନାକିଚି ଠାରୁ ଏକ ବାଇକ ଶୋଭାଯାତ୍ରା ମାଧ୍ୟମରେ ବାହାରି ଉରୁକୁଳା, ଗୋବିନ୍ଦପୁର, ବିଲେଇନାଳି, ପଟ୍ଟାପଥର, ପେଡିପଥର, ଗାଁ ବଇଣ୍ଡା, ନୁନୁକାପଶି, ବଇଣ୍ଡା, ଇଚ୍ଛାପୁର, କଣ୍ଟେଇକୋଳିଆ, ଚାରିଖମଣ ଦେଇ ହଣ୍ଡପା ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ବନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

### ବନ୍ଦେ ଭାରତ ଏକ୍ସପ୍ରେସ୍ ରହଣି ଦାବି

ବଇଣ୍ଡା,୯।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ରେଳ ଷ୍ଟେଶନଠାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ରହଣି ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଚିଠି ଲେଖିଛନ୍ତି। ଚିଠି ନମ୍ବର ୧୦ ତା ୦୭।୧୦।୨୦୨୩ରେ ବିଧାୟକ ଲେଖିଛନ୍ତି ଯେ, ଜିଲାର ଏକ ପ୍ରମୁଖ ଷ୍ଟେଶନ ଭାବେ ବଇଣ୍ଡା ପରିଚିତ। ଏହି ଷ୍ଟେଶନ ମାସକୁ ୫ ଲକ୍ଷରୁ ଅଧିକ ଟଙ୍କା ରେଳ ବିଭାଗକୁ ରାଜସ୍ୱ ଦେଉଛି। ହେଲେ ଏହି ଷ୍ଟେଶନ ଦେଇ ଯାଉଥିବା ଅନେକ ଟ୍ରେନ ଏଠାରେ ରହଣି କରୁନାହିଁ। ଏ ପରିକି ନୂଆକରି ଚାଲୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ମଧ୍ୟ ରହୁନାହିଁ। ଏହି ଷ୍ଟେଶନ ଉପରେ କିଶୋରନଗର, ଛେଣ୍ଡିପଦା, ଆଠମଲ୍ଲିକ, ବୌଦ୍ଧ ଅଞ୍ଚଳର ସହସ୍ରାଧିକ ଯାତ୍ରୀ ନିର୍ଭର କରୁଛନ୍ତି। ତେଣୁ ତୁରନ୍ତ ଏହି ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ରହଣି ବ୍ୟବସ୍ଥା କରାଯାଉ ବୋଲି ବିଧାୟକ ଦାବି କରିଛନ୍ତି। ସେହିପରି ଆଠମଲ୍ଲିକ ଉପଖଣ୍ଡରେ ଅଧିକ ମୋବାଇଲ ଟାୱାର ନିର୍ମାଣ ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ନମ୍ବର ୧୧ ତା ୦୭।୧୦।୨୦୨୩ରେ ଅବଗତ କରାଇଛନ୍ତି। ଏଥିସହ ଆଠମଲ୍ଲିକଠାରେ ଶୀଘ୍ର କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧାୟକ ଚିଠି ନମ୍ବର ୦୯ ତା ୦୫।୧୦।୨୦୨୩ ରେ ଅବଗତ କରାଇଛନ୍ତି।

## ୧୧ରୁ ବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା

ଅନୁଗୋଳ, ୯।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଫରେଷ୍ଟ ରେଞ୍ଜର ଟ୍ରେନିଂ କଲେଜ ପଡ଼ିଆରେ ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୮ଶହ ଛାତ୍ରୀଛାତ୍ରଙ୍କ ସହ ଅଫିସିଆଲ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବର୍ଗରେ ବାଳିକା ଓ ବାଳକଙ୍କ ମଧ୍ୟରେ ଖୋଖୋ ଖେଳାଯିବାକୁ ଥିବାବେଳେ ୧୪ ବର୍ଷରୁ କମ୍ ବର୍ଗର ବାଳିକା ଓ ବାଳକଙ୍କ ମଧ୍ୟରେ ମଧ୍ୟ ମ୍ୟାଚ ଖେଳାଯିବ। ଏ ନେଇ ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସହ ଅନ୍ୟ ଅଧିକାରୀମାନେ ସୋମବାର ପ୍ରତିଯୋଗିତା ହେବାକୁ ଥିବା ପଡ଼ିଆ ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ଆସୁଥିବା ଛାତ୍ରୀଙ୍କ ରହିବା ପାଇଁ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ସହ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିଟିସି ଉଚ୍ଚ ବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଛି। ସେହିଭଳି ଛାତ୍ରଙ୍କ ରହିବା ପାଇଁ ଅନୁଗୋଳ ଟାଉନ୍ ହାଇସ୍କୁଲ ସହ କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟ, କଲ୍ୟାଣ ମଣ୍ଡପ, କଲେଜପଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଇନଡୋର ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟସ୍ତରୀୟ ଖେଳାଳିଙ୍କ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ପ୍ରତିଯୋଗିତା ହେବାକୁ ଥିବା ପଡ଼ିଆ ଅନୁଧ୍ୟାନ କରୁଛନ୍ତି ଅଧିକାରୀମାନେ।

## ଯୁବକଙ୍କୁ ପଥର ମାଡ଼ ଅଭିଯୋଗ

ବଇଣ୍ଡା,୯।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତିବାସପୁର ଗ୍ରାମର ମାନସ ବେହେରାଙ୍କୁ ସେହି ଗ୍ରାମର କୃଷ୍ଣ ବେହେରା ପଥରରେ ଆକ୍ରମଣ କରିଥିବା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗିରହିଥିଲା। ରବିବାର ଏକ ବିଦ୍ୟୁତ୍ ତାର ଛିଣ୍ଡିବାକୁ ନେଇ ଝଗଡା ହୋଇଥିଲା। ଏହାପରେ ମାନସଙ୍କୁ କୃଷ୍ଣ ପଥରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେହିପରି ମାନସ ତାଙ୍କୁ ମାଡ଼ ମାରିଥିବା କୃଷ୍ଣ ଏକ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ନମ୍ବର ୨୨୫/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

## ସମାଜସେବା କରିବାକୁ ପରାମର୍ଶ



ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଉଛି।

ତାଳଚେର,୯।୧୦ (ମନୋଜ ନନ୍ଦ)

ତାଳଚେରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ସୋମବାର ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କଳମଛୁଇଁ ସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ସମିତି ସଭାପତି ଗୌରଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରୀ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳମଛୁଇଁ ପ୍ରାଥମିକ ଚିକିତ୍ସାକେନ୍ଦ୍ରର ଡାକ୍ତର ଅଭିନାଶ ପାଣିଗ୍ରାହୀ, ସାମାଜିକ କର୍ମୀ ଯୋଗେନ୍ଦ୍ର ବେହେରା, ସରପଞ୍ଚ ଅନିଲ କୁମାର ପ୍ରଧାନ, ସମିତି ସଭ୍ୟା ଆଞ୍ଚଳ ପ୍ରଧାନ, ଶିକ୍ଷାବିତ୍ ଦୁଃଖବନ୍ଧୁ ସାହୁ, ଗଗନ ବିହାରୀ ସାହୁ, ମନୋଜ ପ୍ରଧାନ, ମଧୁସୂଦନ ସାହୁ, ବଳଭଦ୍ର ସାହୁ, ବିଜୟ କୁମାର ମାଝି, ଦିବାକର ସାହୁ, କୃଷ୍ଣଚନ୍ଦ୍ର ସାହୁ, ନରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗରିବ ମେଧାବୀ ଛାତ୍ର ସାତ୍ତ୍ୱିକ ବିଶ୍ୱାଳଙ୍କୁ ଉଚ୍ଚଶିକ୍ଷା ପାଇଁ ୧୦ ହଜାର ଟଙ୍କାର ଚେକ୍ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ ଅଞ୍ଚଳର ପୀତବାସ ବେହେରାଙ୍କୁ ୫ ହଜାର ଟଙ୍କାର ଚିକିତ୍ସା ସହାୟତା, ୩୨ଜଣ ଭିନ୍ନକ୍ଷମଙ୍କୁ ବସ୍ତ୍ର ଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ତାଳଚେର ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

## ବିଶିଷ୍ଟ ଶ୍ରମିକ ନେତା ଘନଶ୍ୟାମ ଜେନାଙ୍କ ପରଲୋକ



ଘନଶ୍ୟାମ ଜେନା।

ଧାମନଗର, ୯।୧୦(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ସୋହଡ଼ା ପଞ୍ଚାୟତ ବାଲିପଡ଼ା ଗ୍ରାମର ସର୍ବଭାରତୀୟସ୍ତରର ବିଶିଷ୍ଟ ଶ୍ରମିକନେତା ଘନଶ୍ୟାମ ଜେନା(୯୩)ଙ୍କ ସୋମବାର ପରଲୋକ ହୋଇଛି। ରବିବାର ତାଙ୍କ ସ୍ତ୍ରୀ ହେମଲତା ଜେନାଙ୍କ ଦେହାନ୍ତ ହୋଇଥିବା ବେଳେ ଦୁଇଦିନ ମଧ୍ୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ପରଲୋକ ଯୋଗୁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଉଭୟଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଇଛି। ସ୍ୱର୍ଗତ ଜେନା ସର୍ବଭାରତୀୟ ସ୍ତରରେ ଶ୍ରମିକନେତା ସହ ବିଭିନ୍ନ ଶ୍ରମିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ଥିଲେ। ଶ୍ରମିକ ପରିବାରର ପିଲାମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଝାରସୁଗୁଡ଼ା ଓ ପୁରୀଠାରେ ଘନଶ୍ୟାମ ହେମଲତା ଇଂଲିଶ ମାଧ୍ୟମ ବିଦ୍ୟାମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କ ଉଦ୍ୟମରେ ବାଲିପଡ଼ାଠାରେ ରସାନନ୍ଦ ସ୍ମାରକୀ ଚିକିତ୍ସାଳୟ ପ୍ରତିଷ୍ଠା ହୋଇଛି, ଯାହାକି ଆଜି ସରକାରଙ୍କ ଦ୍ୱାରା ପରିଚାଳିତ। ସେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇ ହାରିଥିଲେ। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ଆଗଭର ହୋଇ କାର୍ଯ୍ୟ କରୁଥିଲେ। ବିଶେଷକରି ଧାମନଗର ଅଞ୍ଚଳର ବେକାର ଯୁବକମାନଙ୍କୁ କର୍ମସଂସ୍ଥା ଯୋଗାଇଦେବା ଓ ବିଭିନ୍ନ ସମାଜସେବା କରି ବେଶ୍ ଲୋକପ୍ରିୟ ହୋଇଥିଲେ। ତାଙ୍କର ସର୍ବଭାରତୀୟ ସ୍ତରରେ ବହୁ ବିଶିଷ୍ଟ ରାଜନେତାମାନଙ୍କ ସହ ଘନିଷ୍ଠ ସମ୍ପର୍କ ଥିଲା। ତାଙ୍କ ବିୟୋଗରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି ହେମନ୍ତ ପାଢ଼ୀ, ଭାଜପା ନେତା ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡିର ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବିକାଶ, ବିସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ




ପୁରୁଣାକୋଟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ବୈଠକରେ କର୍ମକର୍ତ୍ତାମାନେ।

ଅନୁଗୋଳ,୯।୧୦ (ଅମିତ କୁମାର ସାମଲ)

ସାତକୋଶିଆ ବନଖଣ୍ଡରେ ସୁରକ୍ଷା ପରିଚାଳନା, ଜୀବନଜୀବିକା ଓ ବିକାଶ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏଥିସହ ବନଖଣ୍ଡରେ ବ୍ୟାପକ ଦୁର୍ନୀତି ସାଙ୍ଗକୁ ସରକାରୀ କାର୍ଯ୍ୟକ୍ରମରେ ଅନିୟମିତତା ଏବଂ ପ୍ରିୟାପ୍ରୀତି ତୋଷଣ କରାଯାଉଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବ କିଶୋର ବିଶୋୟୀ ଅଭିଯୋଗ କରିଛନ୍ତି। ପୁରୁଣାକୋଟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅଭୟାରଣ୍ୟର ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ଗ୍ରାମ ମୁଖ୍ୟ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ହୋଇଥିବା ବୈଠକରେ ଡିଏଫଓଙ୍କ ବିରୋଧରେ ଏପରି ଅଭିଯୋଗ କରାଯାଇଛି।

ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶୋୟୀଙ୍କ ସଭାପତିତ୍ୱରେ ଏହି ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଏଥିସହ ଅଭିଯୋଗ କରାଯାଇଥିଲା ଯେ, ଅଭୟାରଣ୍ୟରୁ ଗ୍ରାମ ବିସ୍ଥାପନ କାର୍ଯ୍ୟକ୍ରମରେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ଦୁର୍ନୀତି କରାଯାଇଛି। ଯୋଗ୍ୟ ହିତାଧିକାରୀମାନଙ୍କୁ କ୍ଷତିପୂରଣ ପ୍ୟାକେଜ ତାଲିକାରୁ ବଞ୍ଚିତ କରାଯାଇ ଅଯୋଗ୍ୟ ପରିବାରକୁ ତାଲିକାଭୁକ୍ତ କରାଯାଇ ସରକାରଙ୍କ କୋଟି କୋଟି ଟଙ୍କାକୁ ହଡପ କରାଯାଇଛି। ସେହିପରି ଅଭୟାରଣ୍ୟରେ ସୁରକ୍ଷା ନାମରେ ଆସୁଥିବା ଅନୁଦାନକୁ ଚଲୁ କରାଯାଉଛି। ଗ୍ରାମସଭା ଓ ପଲ୍ଲିସଭାକୁ ଉପେକ୍ଷା କରାଯାଇ ଗ୍ରାମଗୁଡିକୁ ଜୋରଜବରଦସ୍ତ ବିସ୍ଥାପନ କରାଯାଉଛି। ତେଣୁ ଆଗାମୀ ଦିନରେ ଭିଜିଲାନ୍ସ, ଲୋକାୟୁକ୍ତ ଏବଂ ଉଚ୍ଚ ନ୍ୟାୟାଳୟରେ ଏ ନେଇ ମାମଲା କରାଯିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

ଅନୁଗୋଳ,୯।୧୦ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ଇଙ୍କରବନ୍ଧ ଗାଁର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପ୍ରଧାନ(୭୧)ଙ୍କ ଶନିବାର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଅସୁସ୍ଥ ଥିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୨ ପୁଅ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ଓ ପ୍ରିୟବ୍ରତ ପ୍ରଧାନଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସେଠାରୁ ମରଶରୀର ଇଙ୍କରବନ୍ଧସ୍ଥିତ ବାସଭବନକୁ ଅଣାଯିବା ପରେ ଗ୍ରାମବାସୀଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜଣେ ଛାତ୍ରବତ୍ସଳ ଶିକ୍ଷକ, ସଙ୍ଗଠକ, ବୁଦ୍ଧିଜୀବୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



ଗ୍ରାମବାସୀଙ୍କ ପକ୍ଷରୁ ଶୋକସଭା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି।

ଅନୁଗୋଳ କ୍ରିକେଟ ଆସୋସିଏଶନ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା ଦୁର୍ଗାଚରଣ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ରବିବାର ସନ୍ଧ୍ୟାରେ ଗ୍ରାମରେ ଏକ ଶୋକସଭା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସରପଞ୍ଚ ଶ୍ରୀବତ୍ସ ସାହୁ, ଗ୍ରାମ ସଭାପତି ଦୟାନିଧି ଦାସ, ମଗୁଲୁ ନାୟକ, ନିରାକାର ପ୍ରଧାନ, ବାବୁଲି ସାହୁଙ୍କ ସମେତ ଗାଁର ବହୁ ଯୁବକ ଓ ଛାତ୍ର ଉପସ୍ଥିତ ଥିଲେ।

